## ଆବଶ୍ୟକ

ମାସିକ ଖବରକାଗଜ ଆପଣଙ୍କ ସ୍ୱର ଓଡିଶାର ସମସ୍ତ ଜିଲ୍ଲା ଓ ବ୍ଲକରେ ପ୍ରତିନିଧି ଆବଶ୍ୟକ କରୁଛି । ଇଚ୍ଛୁକ ପ୍ରାର୍ଥୀମାନେ ଆମର ଇମେଲ ଆଇଡି apanankaswar@gmail.com ରେ ନିଜର ବାୟୋଡାଟା ପଠାଇବା ସହ ସହ ମୋବାଇଲ ନଂ 7978443815ରେ ଯୋଗାଯୋଗ କରନ୍ତୁ ।

-ସଂପାଦକ



Email id apanankaswar@gmail.com

# ଆପଣଙ୍କ ସ୍ୱର

ନିରପେକ୍ଷ ମାସିକ ଖବରକାଗଜ

ଆପଣଙ୍କ ସ୍ୱର ଆମର ଶକ୍ତି

PRGI/R.N.I No: ORMUL/25/A5279

Apananka Swar





ଅଜୟ କୁମାର ବେହେରା

ପ୍ରତିଷ୍ଠାତା ସଂପାଦକ

ଆପଣଙ୍କ ସ୍ୱର



Vol. 01 | Issue -05 | ଭାଗ-୦୧ | ସଂଖ୍ୟା-୦୫ | Jajpur 01-31, May 2026 | Rs. 2.00 | Pages - 08 | ଯାଜପୁର ୦୧-୩୧ ମଇ, ୨୦୨୬ | ମୂଲ୍ୟ ୨.୦୦ ଟଙ୍କା | ପୃଷ୍ଠା-୦୮


## ଆସିଲା ବୁଥ୍ ବାହୁଡ଼ା ମତ

# ବଙ୍ଗରେ ବିଜେପି ସରକାର !

ନୂଆଦିଲ୍ଲୀ(ଆପଣଙ୍କ ସ୍ୱର): ପାଞ୍ଚଟି ରାଜ୍ୟରେ ଚାଲିଥିବା ୨୦୨୬ ବିଧାନସଭା ନିର୍ବାଚନର ଭୋଟ ଗ୍ରହଣ ଆଜି ଶେଷ ହୋଇଛି। ସମସ୍ତଙ୍କ ନଜର ଏବେ ମେ ୪ ତାରିଖ ଭୋଟ ଗଣତି ଉପରେ ରହିଛି, ଯେଉଁଦିନ ଜନତାଙ୍କ ପ୍ରକୃତ ରାୟ ସାମନାକୁ ଆସିବ। ଏହା ପୂର୍ବରୁ ଆଜି ବିଭିନ୍ନ ସଂସ୍ଥାର ଏକଜିଟ୍ ପୋଲ୍ ଜାରି ହୋଇଛି ଏବଂ ଏହା ଆଞ୍ଚଳିକ ରାଜନୀତିରେ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି। ବିଭିନ୍ନ ସଂସ୍ଥାର ବୁଥ୍ ବାହୁଡ଼ା ମତ ଅନୁଯାୟୀ ପଶ୍ଚିମବଙ୍ଗରେ ବିଜେପି ନୂଆ ଇତିହାସ ସୃଷ୍ଟି କରି କ୍ଷମତାକୁ ଆସିବ ଏବଂ କେରଳରେ ୟୁଡିଏଫ୍‌ର ପ୍ରତ୍ୟାବର୍ତ୍ତନ ହେବ। ଆସାମ ଓ ପୁଡୁଚେରୀରେ ଏନ୍‌ଡିଏ କ୍ଷମତା ବଜାୟ ରଖିବ ବୋଲି ପ୍ରମୁଖ ଏକ୍‌ଜିଟ ପୋଲ୍ ଆକଳନ କରିଛନ୍ତି। ତାମିଲନାଡୁରେ ଡିଏମ୍‌କେ ମେଣ୍ଟ ପୁଣି ଥରେ କ୍ଷମତା କାଏମ ରଖି ଇତିହାସ ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି।



ପଶ୍ଚିମବଙ୍ଗରେ ୨୯୪ଟି ଆସନ ପାଇଁ ହୋଇଥିବା ନିର୍ବାଚନରେ ୯୦ ପ୍ରତିଶତରୁ ଅଧିକ ମତଦାନ ବିଶ୍ଳେଷକଙ୍କୁ ଚକିତ କରିଛି। ଏଠାରେ ବିଜେପି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଗଡ଼କୁ ଭାଙ୍ଗିବାରେ ସଫଳ ହୋଇଥିବା ବିଭିନ୍ନ ଏକ୍‌ଜିଟ୍ ପୋଲ୍ ପୂର୍ବାନୁମାନ କରିଛନ୍ତି। ୬ଟି ମୁଖ୍ୟ ଏକ୍‌ଜିଟ ପୋଲ୍ ମଧ୍ୟରୁ ୪ଟି ବିଜେପିର ବହୁମତ ଆକଳନ କରିଛନ୍ତି। ମାଟ୍ରିଜ୍(୧୪୬-୧୬୧ଆସନ) ଏବଂ ପିମାର୍କ(୧୫୦-୧୭୫ ଆସନ) ପରି ସଂସ୍ଥାଗୁଡ଼ିକ ବିଜେପି ମ୍ୟାଜିକ୍ ନମ୍ବର ୧୪୮ ଅତିକ୍ରମ କରିବ ବୋଲି ଦର୍ଶାଇଛନ୍ତି। ତେବେ ପିପୁଲ୍ସ ପଲ୍ସ ଟିଏମ୍‌ସିକୁ ୧୭୭-୧୮୭ ଆସନ ଦେଇ ମମତା ବାନାର୍ଜୀଙ୍କ ପ୍ରତ୍ୟାବର୍ତ୍ତନର ସୂଚନା ଦେଇଛି। ରାଜ୍ୟରେ କଂଗ୍ରେସ ଏବଂ ବାମପନ୍ଥୀ ଦଳଗୁଡ଼ିକର ପ୍ରଦର୍ଶନ ଅତ୍ୟନ୍ତ ଦୁର୍ବଳ ବୋଲି ଆକଳନ କରାଯାଇଛି।

ଅନ୍ୟପଟେ ଆସାମରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଲଗାତାର ତୃତୀୟ ଥର ପାଇଁ କ୍ଷମତା ବଜାୟ ରଖିବା ନିଶ୍ଚିତ ଜଣାପଡୁଛି। ଏକ୍ସିସ୍ ମାଇଁ ଇଣ୍ଡିଆର ଆକଳନ ଅନୁଯାୟୀ ଏନ୍‌ଡିଏ ୮୮-୧୦୦ ଆସନ ପାଇପାରେ, ଯେଉଁଠି କଂଗ୍ରେସ ମେଣ୍ଟ ମାତ୍ର ୨୦-୩୬ ଆସନରେ ସୀମିତ ରହିବାର ସମ୍ଭାବନା ଅଛି। କେରଳରେ ଏକ ବଡ଼ ଓଲଟପାଲଟ ଦେଖିବାକୁ ମିଳିପାରେ। ସମସ୍ତ ୬ଟି ପ୍ରମୁଖ ଏକ୍‌ଜିଟ ପୋଲ୍ ଏଠାରେ ୟୁଡିଏଫ୍ (ୟୁଡିଏଫ୍) ସରକାର ଗଠନ କରିବ ବୋଲି ଭବିଷ୍ୟବାଣୀ କରିଛନ୍ତି। ୟୁଡିଏଫ୍ ପ୍ରାୟ ୭୦-୮୦ ଆସନ ଏବଂ ୪୪% ଭୋଟ୍ ସହ କ୍ଷମତାକୁ ଫେରିବ ବୋଲି ଆକଳନରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ଡିଏମ୍‌କେ ମେଣ୍ଟ ପୁଣି ବିଜୟୀ ହେବାର ସମ୍ଭାବନା ଅଧିକ। ଏକ ନୂଆ ବିକାଶ କ୍ରମରେ ଅଭିନେତା ବିଜୟଙ୍କ ନୂତନ ଦଳ ଟିଭିକେ ୮–୪୦ଟି ଆସନ ପାଇ ରାଜ୍ୟ ରାଜନୀତିରେ ତୃତୀୟ ଶକ୍ତି ଭାବେ ଉଭା ହେବାର ସଙ୍କେତ ଦେଉଛି। ପୁଡୁଚେରୀରେ ଏନ୍‌ଡିଏ (ଏଆଇଏନ୍‌ଆର୍‌ସି-ବିଜେପି) ପୁଣି କ୍ଷମତାକୁ ଫେରିବା ସମ୍ଭାବନା ରହିଛି। ଏଠାରେ ଏନ୍‌ଡିଏ ୧୬–୨୦ଟି ଆସନ ଜିତିପାରେ ବୋଲି ଆକଳନ କରାଯାଇଛି। କଂଗ୍ରେସ ମେଣ୍ଟ ୬ରୁ ୮ଟି ଆସନ ହାସଲ କରିପାରେ।

ନିର୍ବାଚନ କମିଶନଙ୍କ ଅନୁଯାୟୀ, ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ରେକର୍ଡ ପରିମାଣ ୯୨.୪୭ ପ୍ରତିଶତ ଭୋଟର ମତଦାନ ହୋଇଥିଲା, ଯାହା ସ୍ୱାଧୀନତା ପରଠାରୁ ସର୍ବାଧିକ ମତଦାନ ଥିଲା। ସଂଧ୍ୟା ୭:୪୫ ସୁଦ୍ଧା ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭୋଟରଙ୍କ ହାର ୯୧.୬୬ ପ୍ରତିଶତ ଥିଲା। ୨୩ ଏପ୍ରିଲରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୯୩.୧୯ ପ୍ରତିଶତ ମତଦାନ ରେକର୍ଡ କରାଯାଇଥିଲା। କମିଶନ କହିଛନ୍ତି, "ଉଭୟ ପର୍ଯ୍ୟାୟରେ ସଂଗୃହୀତ ଭୋଟରଙ୍କ ହାର ୯୨.୪୭ ପ୍ରତିଶତ।" ପଶ୍ଚିମବଙ୍ଗରେ ୬.୮୧ କୋଟି ଭୋଟର ଅଛନ୍ତି। ଏହା ପୂର୍ବରୁ, ୨୦୧୧ ବିଧାନସଭା ନିର୍ବାଚନରେ ରାଜ୍ୟରେ ସର୍ବାଧିକ ଭୋଟର ହାର ୮୪.୭୨ ପ୍ରତିଶତ ଥିଲା। ଏହି ନିର୍ବାଚନ ଚକ୍ରରେ, ପୁରୁଷ ଭୋଟରଙ୍କ ତୁଳନାରେ ମହିଳା ଭୋଟରଙ୍କ ଅଂଶଗ୍ରହଣ ସାମାନ୍ୟ ଅଧିକ ଥିଲା। ନିର୍ବାଚନ କମିଶନଙ୍କ ଅନୁଯାୟୀ, ୯୨.୨୮ ପ୍ରତିଶତ ଯୋଗ୍ୟ ମହିଳା ଭୋଟର ସେମାନଙ୍କ ମତଦାନ ଦେଇଛନ୍ତି, ଯାହା ପୁରୁଷ ଭୋଟରଙ୍କ ଶତକଡ଼ା ୯୧.୦୭ ପ୍ରତିଶତ ଥିଲା।





ଏକ ସୁସ୍ଥ, ନିର୍ଭୀକ ଓ ନୀରପେକ୍ଷ ଖବରକାଗଜକୁ ସାହାଯ୍ୟ କରନ୍ତୁ, ଆପଣଙ୍କ ସହାୟତା ଆମକୁ ଆଗକୁ ଯିବାକୁ ନିଶ୍ଚିତ ଇନ୍ଧନ ଯୋଗାଇବ । ଆପଣଙ୍କ ସ୍ୱର ର ଏହି ସ୍କାନର ମାଧ୍ୟମରେ ଆପଣଙ୍କ ସହାୟତା ରାଶି ପଠାନ୍ତୁ ।


# ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ ପଣ୍ଡ

ୱାସିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଆଉ ଏକ ହତ୍ୟା ଉଦ୍ୟମ ବିଶ୍ୱବ୍ୟାପୀ ହଇଚଇ ସୃଷ୍ଟି କରିଛି। ୱାସିଂଟନର ହିଲଟନ୍ ହୋଟେଲ୍‌ରେ ଗତରାତିରେ ଆୟୋଜିତ ହ୍ୱାଇଟ୍‌ହାଉସ୍ ସାମ୍ବାଦିକ ସଙ୍ଘ ନୈଶଭୋଜି ଅବସରରେ ଏହି ଗୁଳିକାଣ୍ଡ ଘଟିଛି। ସୁରକ୍ଷା ବ୍ୟବସ୍ଥା ଭେଦ ଯୋଗୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ତୁରନ୍ତ ସେଠାରୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା। ଏହି ଉଦ୍‌ବେଗଜନକ ଘଟଣା ଆମେରିକାର ନେତୃତ୍ୱ ପ୍ରତି ବଢୁଥିବା ବିପଦ ଏବଂ ରାଜନୈତିକ ଅସ୍ଥିରତାକୁ ଦର୍ଶାଉଛି। ୱାସିଂଟନ୍ ହିଲଟନ୍‌ର ଏହି ଘଟଣା ୧୯୮୧ ମସିହାରେ ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କ ଉପରେ ହୋଇଥିବା ହତ୍ୟା ଉଦ୍ୟମର ସ୍ମୃତିକୁ ପୁଣି ତାଜା କରିଦେଇଛି। ସ୍ଥାନୀୟ ସମୟ ରାତି ପ୍ରାୟ ୮ଟା ୪୦ (ଭାରତୀୟ ସମୟ ସକାଳ ୬ଟା ୧୦)ରେ ଯେତେବେଳେ ରାଷ୍ଟ୍ରପତି ନିଜର ଅଭିଭାଷଣ ଆରମ୍ଭ କରିବାକୁ ଯାଉଥିଲେ, ହୋଟେଲ୍ ବାହାରେ ଥିବା ମୁଖ୍ୟ ସୁରକ୍ଷା ଯାଞ୍ଚ କେନ୍ଦ୍ର ନିକଟରେ ପ୍ରାୟ ୫ ରୁ ୮ ଥର ଗୁଳି ଫୁଟିବା ଶବ୍ଦ ଶୁଣାଯାଇଥିଲା। ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟମାନେ ତତ୍‌କ୍ଷଣାତ୍ ରାଷ୍ଟ୍ରପତି ଟ୍ରମ୍ପ, ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଘେରି ଯାଇଥିଲେ। ସେମାନଙ୍କୁ ଶାରୀରିକ ସୁରକ୍ଷା ପ୍ରଦାନ କରିବା ସହ ତୁରନ୍ତ ହୋଟେଲ୍ ଭିତରେ ଥିବା ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ବଲ୍‌ରୁମ୍ ଭିତରେ ବହୁ ସଂଖ୍ୟାରେ ଅତିଥି, ଯେଉଁଥିରେ କ୍ୟାବିନେଟ୍ ସଦସ୍ୟ ଏବଂ ପ୍ରତିଷ୍ଠିତ ସାମ୍ବାଦିକମାନେ ଥିଲେ, ସେମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସୁରକ୍ଷା କର୍ମୀମାନେ ସମସ୍ତଙ୍କୁ ଟେବୁଲ୍ ତଳେ ଶୋଇଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଆକ୍ରମଣକାରୀ ନାମ କୋଲ୍ ଟୋମାସ୍ ଆଲେନ୍ (୩୧) ବୋଲି ଜଣାପଡ଼ିଛି ଏବଂ ସେ କାଲିଫର୍ଣ୍ଣିଆ ଟୋରାନ୍ସର ବାସିନ୍ଦା। ଆଲେନ୍ ଜଣେ ମେକାନିକାଲ୍ ଇଞ୍ଜିନିୟର ଏବଂ ସେ ଏକାଧିକ ମାରାତ୍ମକ ଅସ୍ତ୍ରଶସ୍ତ୍ର ସହ ସୁରକ୍ଷା ବଳୟ ଭେଦ କରିବାକୁ ଚେଷ୍ଟା କରୁଥିଲା। ଟ୍ରମ୍ପ ନିଜର 'ଟ୍ରୁଥ୍ ସୋସିଆଲ୍' ଆକାଉଣ୍ଟରେ ଅଭିଯୁକ୍ତର କିଛି ଫଟୋ ଏବଂ ସିସିଟିଭି ଫୁଟେଜ୍ ସେୟାର କରିଛନ୍ତି, ଯେଉଁଥିରେ ସେ ସୁରକ୍ଷା ଯାଞ୍ଚ କେନ୍ଦ୍ର ଆଡ଼କୁ ଦୌଡୁଥିବା ଦେଖାଯାଉଛି।ଏହି ସଂଘର୍ଷ ସମୟରେ ଜଣେ ସିକ୍ରେଟ୍ ସର୍ଭିସ୍ ଅଧିକାରୀ ଗୁଳିମାଡ଼ର ଶିକାର ହୋଇଥିଲେ। ସୌଭାଗ୍ୟବଶତଃ, ସେ ପିନ୍ଧିଥିବା ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍ ଯୋଗୁଁ ତାଙ୍କ ଜୀବନ ରକ୍ଷା ପାଇଯାଇଛି। ଏଫ୍‌ବିଆଇ ନିର୍ଦ୍ଦେଶକ କାଶ୍ ପଟେଲ୍ କହିଛନ୍ତି ଯେ ଅଭିଯୁକ୍ତର ପୃଷ୍ଠଭୂମି ଏବଂ ଏହି ଆକ୍ରମଣ ପଛର ଉଦ୍ଦେଶ୍ୟ ଜାଣିବା ପାଇଁ ଖୋଳତାଡ଼ ଜାରି ରହିଛି। ଅଭିଯୁକ୍ତ ଆଲେନ୍ ବିରୋଧରେ ରାଷ୍ଟ୍ରପତିଙ୍କୁ ହତ୍ୟା ଉଦ୍ୟମ ଏବଂ ସଂଘୀୟ ଅଧିକାରୀଙ୍କ ଉପରେ ଆକ୍ରମଣ ଭଳି ଗୁରୁତର ଧାରାରେ ମାମଲା ରୁଜୁ କରାଯାଇଛି। ଏହି ଘଟଣା ପରେ ଏକ ସ୍ୱତନ୍ତ୍ର ଗଣମାଧ୍ୟମ ବିବୃତିରେ ରାଷ୍ଟ୍ରପତି ଟ୍ରମ୍ପ ଅଭିଯୁକ୍ତକୁ ଜଣେ ରୁଗ୍ଣ ମାନସିକତାର ବ୍ୟକ୍ତି ଏବଂ 'ଲୋନ୍ ଉଲ୍‌ଫ' (ଏକାକୀ ଆକ୍ରମଣକାରୀ) ବୋଲି ସମ୍ବୋଧନ କରିଛନ୍ତି।



# ରଦ୍ଦ ହେବ ୮ ବିଧାୟକଙ୍କ ସଭ୍ୟପଦ

## ବାଚସ୍ପତିଙ୍କୁ ଲିଖିତ ଜଣାଇଲା ବିଜେଡି

ଭୁବନେଶ୍ୱର,(ଆପଣଙ୍କ ସ୍ୱର): ଗତ ରାଜ୍ୟ ସଭା ନିର୍ବାଚନରେ ଦଳ ବିପକ୍ଷରେ ଭୋଟ୍ ଦେଇଥିବା ୮ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ, ନବ କିଶୋର ମଲିକ, ଚକ୍ରମଣି କହଁର, ସନାତନ ମହାକୁଡ ଏବଂ ଅରବିନ୍ଦ ମହାପାତ୍ରଙ୍କ ସଭ୍ୟପଦ ରଦ୍ଦ କରିବାକୁ ବିଜେଡି ପକ୍ଷରୁ ସୋମବାର ଦାବି କରାଯାଇଛି। ବିଜେଡି ବିଧାୟକମାନେ ମିଳିତ ଭାବେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଲିଖିତ ଭାବେ ୮ ବିଧାୟକଙ୍କ ସଭ୍ୟପଦ ସମ୍ବିଧାନର ଅନୁଚ୍ଛେଦ ୧୦ ଅନୁଯାୟୀ ରଦ୍ଦ କରିବାକୁ ଜଣାଇଛନ୍ତି। ଉକ୍ତ ୮ ବିଧାୟକ ବର୍ତ୍ତମାନ ଦଳରେ ନିଲମ୍ବିତ ହୋଇ ରହିଛନ୍ତି। ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ସନାତନ ଏବଂ ଅରବିନ୍ଦ ଦଳ ବିରୋଧୀ କାର୍ଯ୍ୟ ଲାଗି ନିଲମ୍ବିତ ହୋଇଥିଲେ। ଏହାପରେ ସେମାନଙ୍କ ସମେତ ଅନ୍ୟ ୬ ଜଣ ରାଜ୍ୟ ସଭା ନିର୍ବାଚନରେ ଭୋଟ୍ କ୍ରସ୍ କରି ନିଲମ୍ବିତ ହୋଇଥିଲେ। ଏହି ସମସ୍ତ ବିଧାୟକ ଦଳ ବିରୋଧରେ ବିଭିନ୍ନ ସ୍ଥାନରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ସହିତ ଅନ୍ୟାନ୍ୟ ଦଳ ବିରୋଧୀ କାର୍ଯ୍ୟ କରିଥିବା ନେଇ ବାଚସ୍ପତିଙ୍କ ନିକଟରେ ବିଜେଡି କହିଛି। ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସର ୩ ଜଣ ବିଧାୟକ ସୋଫିଆ ଫିର୍ଦ୍ଦୋସ, ରମେଶ ଜେନା ଏବଂ ଦାଶରଥି ଗମାଙ୍ଗ କ୍ରସ୍ ଭୋଟିଂ କରିବା ସହିତ ଦଳରୁ ନିଲମ୍ବିତ ହୋଇଛନ୍ତି। ରାଜ୍ୟ ସଭା ନିର୍ବାଚନ ପରେ ପରେ କଂଗ୍ରେସ ସେହି ୩ ଜଣଙ୍କ ସଭ୍ୟ ପଦ ରଦ୍ଦ ଲାଗି ବାଚସ୍ପତିଙ୍କ ନିକଟରେ ବହୁ ଆଗରୁ ଲିଖିତ ଭାବେ ଜଣାଇ ସାରିଛି। ମାତ୍ର ବିଜେଡି କାହିଁକି ଏତେ ବିଳମ୍ବରେ ତାଙ୍କ ଦଳର ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଲାଗି ଦାବି କଲା ତାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି।ବିଜେଡି ବିଧାୟକମାନେ ସୋମବାର ପୂର୍ବାହ୍ନ ୧୧ଟାରେ ପ୍ରଥମେ ଶଙ୍ଖ ଭବନଠାରେ ଏକାଠି ହୋଇଥିଲେ। ସେଠାରେ ଦଳ ବିରୋଧୀ କାର୍ଯ୍ୟ କରିଥିବା ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ବିଷୟରେ ଆଲୋଚନା ହୋଇଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ ନବୀନ ନିବାସରୁ ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ସମ୍ପର୍କିତ ଲିଖିତ ପତ୍ର ଆଣିବାରେ ବିଳମ୍ବ କରିଥିଲେ। ମାତ୍ର ବିଧାୟକମାନେ ଶଙ୍ଖ ଭବନରେ ଅପେକ୍ଷା କରି ରହିଥିଲେ। ପ୍ରମିଳା ଶଙ୍ଖ ଭବନରେ ପହଞ୍ଚିବା ପରେ ସବୁ ବିଧାୟକ ଏକାଠି ବାହାରି ବିଧାନସଭାରେ ପହଞ୍ଚିଥିଲେ। ଏହାପରେ ବାଚସ୍ପତିଙ୍କୁ ଭେଟି ଦଳ ତା'ର ଦାବି ଜଣାଇଛନ୍ତି।



# ଏଥର ଓଡ଼ିଶାରେ ସ୍ୱାଭାବିକ ବର୍ଷା

ଭୁବନେଶ୍ୱର,(ଆପଣଙ୍କ ସ୍ୱର): ଏଥର ଦେଶରେ ସ୍ୱାଭାବିକଠାରୁ ଅଧିକ ମୌସୁମୀ ବର୍ଷା ହୋଇପାରେ। କିନ୍ତୁ ଓଡ଼ିଶାରେ ବର୍ଷା ସ୍ୱାଭାବିକ ରହିବ । ସମୁଦ୍ରର ଶୀତଳୀକରଣ (ସବ୍ ସର୍ଫେସ କୁଲିଂ) ଯୋଗୁ ଏଲ୍ ନିନୋ ଶୀଘ୍ର ଶେଷ ହେବ । ମେ ୩୧ରୁ ଜୁନ୍ ୨ ତାରିଖ ଭିତରେ କେରଳରେ ମୌସୁମୀ ପହଞ୍ଚିପାରେ ବୋଲି ବରିଷ୍ଠ କୃଷି ପାଣିପାଗବିତ୍ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଆକଳନ କରିଛନ୍ତି । ପ୍ରଫେସର ପଶୁପାଳକ ବିଭିନ୍ନ ଅନ୍ତର୍ଜାତୀୟ ମଡେଲ ଆଧାରରେ ପୂର୍ବାନୁମାନ କରି କହିଛନ୍ତି, ଓଡ଼ିଶାରେ ଅଗଷ୍ଟ ମାସରେ ବର୍ଷାର ପ୍ରକୋପ ଅଧିକ ରହିପାରେ । କିନ୍ତୁ ହାରାହାରି ମୌସୁମୀ ବର୍ଷା ପରିମାଣ ସ୍ୱାଭାବିକ ଭିତରେ ରହିବ । ଏଲ୍ ନିନୋ ଶୀଘ୍ର ଶେଷ ହେବାର ସମ୍ଭାବନା ଅଛି । ସମୁଦ୍ରର ଗଭୀରରେ ଥିବା ଥଣ୍ଡା ଜଳର ସ୍ରୋତ ଦ୍ରୁତ ଗତିରେ ଉପରିଭାଗକୁ ଆସୁଛି । ଫଳରେ ଏଲ୍ ନିନୋ ପ୍ରଶମିତ ହୋଇ ଲା- ନିନା ପାଇଁ ବାଟ ଫିଟାଇବ ବୋଲି ସେ କହିଛନ୍ତି । ସେପଟେ ଇସିଏମଡବ୍ଲୁଏଫ୍ (ୟୁରୋପିଆନ ସେଣ୍ଟର ଫର ମିଡିଅମ ରେଞ୍ଜ ୱେଦର ଫୋରକାଷ୍ଟ) ଆକଳନ କହୁଛି, ସି- ସର୍ଫେସ୍ ଟେମ୍ପରେଚର(ଏସ୍‌ଏସ୍ଟି) ବା ସମୁଦ୍ର ଗଭୀରର ତାପମାତ୍ରା ନିଉଟ୍ରାଲରୁ ନେଗେଟିଭ୍ ରେଞ୍ଜ ଭିତରେ ରହିବ । ସମୁଦ୍ର ଗଭୀରରେ ଥିବା ଥଣ୍ଡା ଜଳର ତାପମାତ୍ରା -୦.୪ଡିଗ୍ରୀ ସେଲସିୟସ୍‌ରୁ -୦.୬ ଡିଗ୍ରୀ ରହିପାରେ । ଫଳରେ ମୌସୁମୀର ଦ୍ୱିତୀୟାର୍ଦ୍ଧରେ ଏଲ୍ ନିନୋ ଶେଷ ହୋଇ ଲା-ନିନା ସ୍ଥିତି ରହିପାରେ ।ଲା-ନିନା ସ୍ଥିତି ରହିଲେ ମୌସୁମୀ ଶକ୍ତିଶାଳୀ ରହିବ । ଏଥିପାଇଁ ଭାରତରେ ସ୍ୱାଭାବିକ ବା ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ। ଅଗଷ୍ଟ ମାସ ବେଳକୁ ନିଉଟ୍ରାଲ ଇଏନଏସ୍‌ଓ ଦ୍ରୁତ୍ ବେଗରେ ଲା-ନିନା ସ୍ଥିତିକୁ ବଦଳିବ । ଏହା ପ୍ରଭାବରେ ମୌସୁମୀ ବଳୁଆ ହେବା ସହ ବଙ୍ଗୋପସାଗରରେ ଅଧିକ ଅବପାତ ସୃଷ୍ଟି ହୋଇପାରେ।



# ଶିଳ୍ପ କ୍ଷେତ୍ରରେ ପୁଞ୍ଜି ଖଟାଇବ ଜାପାନ

ସମ୍ବଲପୁର/ଭୁବନେଶ୍ୱର (ଆପଣଙ୍କ ସ୍ୱର): ଜାପାନର ଇସ୍ପାତ କମ୍ପାନି ଜେଏଫ୍‌ଇ ଷ୍ଟିଲ୍ କର୍ପୋରେସନ୍ ଓଡ଼ିଶାରେ ୧୫ ହଜାର କୋଟି ଟଙ୍କା ନିବେଶ କରିବାକୁ ଯାଉଛି। ଏହା ହେଉଛି ଓଡ଼ିଶାରେ ଜାପାନର ସର୍ବବୃହତ୍ ନିବେଶ। ଜେଏସ୍‌ଡବ୍ଲୁ ଷ୍ଟିଲ୍ ସହଯୋଗିତାରେ ଜେଏଫ୍‌ଇ ଷ୍ଟିଲ୍ ସମ୍ବଲପୁରରେ ଏହି ନିବେଶ କରିବ। ସମ୍ବଲପୁରଜିଲ୍ଲା ଠେଲକୋଲୋଇସ୍ଥିତ ଜେଏସ୍‌ଡବ୍ଲୁ କାରଖାନାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ କମ୍ପାନି ମଧ୍ୟରେ ଗଠନ ହୋଇଥିବା ୫୦:୫୦ ଯୌଥ ଉଦ୍ୟୋଗ (ଜେଭି) କୁ ଉଦ୍‌ଘାଟନ କରିଛନ୍ତି।ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ହେଉଛି ଓଡ଼ିଶା ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଓ ଭାରତର ଶିଳ୍ପ ଭବିଷ୍ୟତ ପାଇଁ ଏକ ନିର୍ଣ୍ଣାୟକ ଅଧ୍ୟାୟ। ଏହା ହେଉଛି ଓଡ଼ିଶାରେ ଜାପାନର ପ୍ରଥମ ଓ ସର୍ବବୃହତ୍ ନିବେଶ। ଜାପାନୀ ପ୍ରଯୁକ୍ତି ଓ ବିଶ୍ୱସ୍ତରୀୟ ପରିଚାଳନା ଦକ୍ଷତା ଜରିଆରେ ଏହି ପ୍ରକଳ୍ପ ଉଚ୍ଚ ମାନର ଓ ସ୍ପେସାଲିଟି ଷ୍ଟିଲ୍ ଉତ୍ପାଦନରେ ଓଡ଼ିଶାର ଦକ୍ଷତାରେ ଉନ୍ନତି ଆଣିବ ଓ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ, ଯାହା ଦ୍ୱାରା ଯୁବବର୍ଗ ଉପକୃତ ହେବେ। ଏହି ପ୍ରକଳ୍ପ ଦ୍ୱାରା ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଏକ ମାନୁଫାକ୍‌ଚରିଂ ହବ୍‌ରେ ପରିଣତ ହେବ। ପୂର୍ବ ସରକାର ଭଳି ଏଠାରେ କେବଳ ଖଣିଭିତ୍ତିକ ଶିଳ୍ପ ନୁହେଁ, ବରଂ ଫାର୍ମା ଭଳି ୧୬ଟି କ୍ଷେତ୍ରରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ସୁଯୋଗ ସୃଷ୍ଟି ହେବ। ନୂଆପଡ଼ା, ଦେବଗଡ଼, ସୁବର୍ଣ୍ଣପୁର ଓ ବୌଦ୍ଧରେ ମଧ୍ୟ ଶିଳ୍ପ ପାଇଁ ପ୍ରାଧାନ୍ୟ ଦିଆଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଜେଏସ୍‌ଡବ୍ଲୁ ଏବଂ ଜେଏଫ୍‌ଇର ମିଳନ କେବଳ ଏକ ବ୍ୟାବସାୟିକ ଚୁକ୍ତି ନୁହେଁ, ବରଂ ଏହା ଜାପାନ ଏବଂ ଭାରତର ଶିଳ୍ପଦକ୍ଷତା ସହିତ ଉତ୍ତରଦାୟୀ ବିକାଶର ଏକ ସମନ୍ୱୟ। ଏହା ସହିତ ଏହି ପ୍ରକଳ୍ପ 'ଗ୍ରିନ୍ ଷ୍ଟିଲ୍' ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଉଦାହରଣ ସୃଷ୍ଟି କରିବ। ୧୯୫୨ ମସିହାରୁ ଭାରତ ଏବଂ ଜାପାନ ମଧ୍ୟରେ ରହିଥିବା ଦୃଢ଼ କୂଟନୈତିକ ସମ୍ପର୍କ ଆଗାମୀ ୨୦୨୭ ମସିହାରେ ୭୫ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଏହି ନିବେଶ ଉଭୟ ଦେଶର ସମ୍ପର୍କକୁ ଆହୁରି ମଜଭୁତ କରିବ। ଏହି ରାଜିନାମା ଅଧୀନରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ସମ୍ବଲପୁର କାରଖାନାର ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ନିୟୁତ ଟନ୍‌ରୁ ୧୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବ। ପର୍ଯ୍ୟାୟକ୍ରମେ ଏହି ପ୍ରକଳ୍ପରେ ୩୦ ହଜାର କୋଟି ଟଙ୍କା ନିବେଶ ହେବ।ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ କହିଛନ୍ତି, ଏହି ଚୁକ୍ତିନାମା ଯୌଥ ଉଦ୍ୟୋଗଠାରୁ ଅଧିକ ଅଟେ। ଏହି ଅବସରରେ ଭାରତରେ ଅବସ୍ଥାପିତ ଜାପାନ ରାଷ୍ଟ୍ରଦୂତ କେଇଚି ଓନୋ, କୋଲକାତାସ୍ଥିତ ଜାପାନ ବାଣିଜ୍ୟ ଦୂତାବାସର ଯୋସିହିସା ଇଦିକାଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ମୁଖ୍ୟ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଜେଏଫ୍‌ଇ ଷ୍ଟିଲ୍ କର୍ପୋରେସନ୍‌ର ସିଇଓ ଯୋଶିହିସା କିତାନୋ ଉପସ୍ଥିତ ଥିଲେ।



## ଜେଏଫ୍‌ଇ ଷ୍ଟିଲ୍- ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଯୌଥ ଉଦ୍ୟୋଗ ସ୍ଥାପନ


Scanned with OKEN Scanner

ସମ୍ପାଦକୀୟ

# ବିପଦରେ ସାମ୍ବାଦିକ ଆଉ ସଙ୍କଟରେ ସାମ୍ବାଦିକତା

ଗଣତନ୍ତ୍ର ରୂପକ ଘର ଟିଏ ତୋଳିବା ପାଇଁ ଯେଉଁ 4ଟି ଖୁଣ୍ଟ ଅର୍ଥାତ୍ 4ଟି ସ୍ତମ୍ଭ ର ଆବଶ୍ୟକତା ପଡ଼ିଥାଏ ତାହା ହେଉଛି ବ୍ୟବସ୍ଥାପିକା, କାର୍ଯ୍ୟପାଳିକା , ନ୍ୟାୟପାଳିକା ଓ ଗଣମାଧ୍ୟମ । ଗୋଟିଏ ଖୁଣ୍ଟ ଅଭାବରୁ ଯେମିତି ଘର ର ଛାତ ଟି ରହି ପାରେନି ଠିକ୍ ସେଇପରି ଗଣତନ୍ତ୍ର ପାଇଁ ଏଇ 4ଟି ସ୍ତମ୍ଭର ଆବଶ୍ୟକତା ରହିଛି । ଗଣମାଧ୍ୟମକୁ ସମାଜର ଦର୍ପଣ କୁହାଯାଏ ।ସମାଜର 3ଟି ସ୍ତମ୍ଭ ଅର୍ଥାତ୍ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଯେତେବେଳେ ଅବାଟ କୁ ଚାଲିଯାଇ ଥାଏ ଗଣ ମାଧ୍ୟମ ର କାମ ହେଲା ସେମାନଙ୍କୁ ଉଚିତ ରାସ୍ତା ଦେଖାଇବା ।

ଗଣମାଧ୍ୟମ ଅର୍ଥାତ୍ ଜନସାଧାରଣ ଙ୍କ ମାଧ୍ୟମ ଅଥବା ଗଣଙ୍କ ମାଧ୍ୟମାଗଣ ମାଧ୍ୟମ



ସର୍ବଦା ଜନ ସାଧାରଣ ଙ୍କ ସ୍ୱର ହେବା ଏବଂ ବିଶ୍ୱାସ ଭାଜନ ହେବା ଆବଶ୍ୟକ । ଯାହା ଫଳ ରେ ସାଧାରଣ ବ୍ୟକ୍ତିଟି ନୀସଂକୋଚ ରେ ନିଜର ଅଭିବ୍ୟକ୍ତି ଟିକୁ ପ୍ରକାଶ କରି ପାରିବ । ଗଣ ମାଧ୍ୟମରେ କାମ କରୁଥିବା ବା ଖବର ସଂଗ୍ରହ କରୁଥିବା ବ୍ୟକ୍ତି ଙ୍କୁ ସମ୍ବାଦଦାତା ବା ସାମ୍ବାଦିକ କୁହାଯାଏ ।କିନ୍ତୁ ସମାଜରେ ସାଧାରଣ ଲୋକଙ୍କ ସମସ୍ୟା କୁ ସମାଜ ର ଏଇ 3ଟି ସ୍ତମ୍ଭ ପାଖରେ ପହଞ୍ଚାଇବାକୁ ଅହରହ ଖଟୁଥିବା ଏଇ ସାମ୍ବାଦିକ ଅନେକ ସମୟ ରେ କିଛି କୁଟଚକ୍ରି ଲୋକଙ୍କ ରୋଷ ର ଶିକାର ହୋଇଥାଏ ।ଏଥିପାଇଁ ସରକାର ଙ୍କ ତରଫରୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ର ଆବଶ୍ୟକତା ରହିଛି ।

୧୯ ୯୧ରେ ଆଫ୍ରିକୀୟ ସାମ୍ବାଦିକମାନେ ପ୍ରଥମଥର ପାଇଁ ସାମ୍ବାଦିକ ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ମେ' ୩ରେ ଏହି ସାମ୍ବାଦିକମାନେ ସାମ୍ବାଦିକ ସ୍ୱାଧୀନତାର ନୀତି ସମ୍ବନ୍ଧରେ ଏକ ବିବୃତ୍ତି ଜାରି କରିଥିଲେ, ଯାହା ୱିଣ୍ଡହୋକ୍ ଘୋଷଣାନାମା ଭାବରେ ମଧ୍ୟ ଜଣାଶୁଣା । ଦୁଇ ବର୍ଷ ପରେ ଅର୍ଥାତ୍ ୧୯ ୯୩ରେ ମିଳିତ ଜାତିସଂଘର ସାଧାରଣ ସଭା ପ୍ରଥମଥର ପାଇଁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା । ସେବେଠାରୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପ୍ରତିବର୍ଷ ମେ' ୩ରେ ପାଳନ କରାଯାଏ ।

ପରିବେଶ ସଙ୍କଟ ସାମ୍ନାରେ ଆଜି ସାମ୍ବାଦିକତା । ପରିବର୍ତ୍ତନଶୀଳ ଜଳବାୟୁ ଏବଂ ଜୈବ ବିବିଧତା ସଙ୍କଟ ଦ୍ୱାରା ଆଜି ସମଗ୍ର ବିଶ୍ୱ ପ୍ରଭାବିତ ହୋଇଛି । ଯେଉଁମାନେ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କ କାହାଣୀ ଅନ୍ୟମାନଙ୍କୁ ଜଣାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମ୍ବାଦିକମାନେ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସେ ଆଗକୁ ଆସି ଆମ ପୃଥିବୀ ଏବଂ ଏହାର ଉତ୍ତମ ଭବିଷ୍ୟତ ପାଇଁ ଲଢ଼ନ୍ତି ।

ସାମ୍ବାଦିକମାନେ ନିଜକୁ ବିପଦରେ ପକାଇ ଜନସାଧାରଣଙ୍କୁ ଖବର ସଂଗ୍ରହ ଓ ଖବର ଜଣାଇବା ପାଇଁ କାର୍ଯ୍ୟ କରନ୍ତି । ସାମ୍ବାଦିକମାନେ ପ୍ରାୟତଃ ଆକ୍ରମଣର ଶିକାର ହୁଅନ୍ତି ଏବଂ ବେଳେବେଳେ ସେମାନଙ୍କ ହତ୍ୟା ଖବର ମଧ୍ୟ ସାମ୍ନାକୁ ଆସିଥାଏ । ଅନେକ ଥର ସେମାନଙ୍କ ସ୍ୱରକୁ ଦମନ କରିବାକୁ ଚେଷ୍ଟା କରାଯାଏ । ତେଣୁ ଏହି ସମସ୍ତ ଅନ୍ୟାୟ ବିରୋଧରେ ଲଢ଼ିବା, ସାମ୍ବାଦିକ ଏବଂ ସେମାନଙ୍କ କାର୍ଯ୍ୟକୁ ସମ୍ମାନ ଦେବା ପାଇଁ ଆଜି ସମସ୍ତେ ଚିନ୍ତା କରିବାର ସମୟ ଆସିଛି ।

ଏ ସଂକ୍ରାନ୍ତ ରେ ଭାରତ ବର୍ଷ ର ବୃହତ୍ ଟେଲିଭିଜନ ନେଟୱର୍କ ରିପବ୍ଲିକ ଭାରତ ର ପ୍ରତିଷ୍ଠାତା ତଥା ସମ୍ପାଦକ ଅର୍ଣ୍ଣବ୍ ଗୋସ୍ୱାମୀ କୁହନ୍ତି ସାମ୍ବାଦିକମାନେ ପ୍ରଥମେ ଆର୍ଥିକ ସଶକ୍ତ ହୁଅ । କାହାରି ପାଖ ରେ ମୁଣ୍ଡ ବିକ ନାହିଁ । କାହାର ପାଦ ଚାଟିବାର ଅଛି ତ ସାମ୍ବାଦିକତା କର ନାହିଁ । ସରକାରଙ୍କ ର ଦୋଷ ଦୁର୍ବଳତା ପ୍ରକାଶ କରିବା ମଧ୍ୟ ଗଣମାଧ୍ୟମ ର ଏକ ପ୍ରମୁଖ ଦାୟିତ୍ୱ ।

# ଅଭିମାନ ଓ ସ୍ୱାଭିମାନ

### ଡକ୍ଟର କାଳୀ ପ୍ରସନ୍ନ ଶତପଥୀ

ସ୍ୱ ଯୁକ୍ତ ଅଭିମାନ = ସ୍ୱାଭିମାନ । ସ୍ୱର ଅର୍ଥ ଆତ୍ମା । ଆତ୍ମୀୟ, ଜ୍ଞାତି ଓ ଧନ । ଆତ୍ମା ପ୍ରସଙ୍ଗରେ ଉପନିଷଦର ଆବାହମାନ ତତ୍ତ୍ୱ ହେଉଛି ମଣିଷ ଜୀବନ ଗୋଟିଏ ଦିବ୍ୟ ଜୀବନ । ମଣିଷଣ ଅନ୍ତରାତ୍ମା ଚିର ଆନନ୍ଦମୟ, ଚିର ଶାନ୍ତିମୟ । ଦୁର୍ଲଭ ମନୁଷ୍ୟ ଶରୀର ପ୍ରାପ୍ତ ହୋଇ ଦେବତ୍ୱ ପ୍ରାପ୍ତି ପାଇଁ ଆଗେଇ ଯିବା ବୁଦ୍ଧିମାନର କାର୍ଯ୍ୟ । ସେ ସର୍ବଶକ୍ତିମାନ, ସର୍ବବିଦ୍ୟମାନ, ସର୍ବଜ୍ଞାତା ଆତ୍ମା । ସେ ପୁରୁଷ ପୁରୁଷ ପରମାତ୍ମା । ଜୀବ ମଧ୍ୟରେ ଅନ୍ତରାତ୍ମା । ସେ ଅଜର, ଅମର, ସଚ୍ଚିଦାନନ୍ଦ ପରମବ୍ରହ୍ମ । ଅଭିମାନ (ଅଭି + ମନ + ଅ) ର ଅର୍ଥ ପୂର୍ବରୁ ଥିବା (ବା ନିଜର ବ୍ୟକ୍ତିଗତ ଧର୍ମ, ଦର୍ପ, ଆଭିଜାତ୍ୟ, ଜ୍ଞାନ, ପ୍ରେମ ଓ ହିଂସାତ୍ମକ କାର୍ଯ୍ୟକଳାପ ପ୍ରତି ଅତି ମନନ ଯୋଗ୍ୟ ସମ୍ମାନବୋଧ । ଯାହା କୌରବ ମାନଙ୍କର ଥିଲା । ପାଣ୍ଡବ ମାନଙ୍କର ଆତ୍ମା ଆତ୍ମୀୟ ଜ୍ଞାତି, ରାଷ୍ଟ୍ରୀୟ ଧନ ପ୍ରଭୃତି ପତି ପୂର୍ବରୁ ରହଥିବା ପରମ୍ପରା ଜନିତ ମନନ ଯୋଗ୍ୟ ଆତ୍ମ ସମ୍ମାନ ବୋଧ ଥିଲା । ଯାହାକୁ କେହି ଆକ୍ଷେପ କରିପାରୁନଥିଲେ । ମନୁଷ୍ୟ କାମନା ହିଁ ମାୟାର ପ୍ରକୃତ କାରଣ । କାମନା ନାନା ବିଚାର ତରଙ୍ଗ ସୃଷ୍ଟି କରେ । ଏବଂ ସେହି ବିଚାର ତରଙ୍ଗ ଆତ୍ମାର ଅମର, ଆନନ୍ଦ ମୟ, ନିତ୍ୟସ୍ଥିତ୍ୟ ବାସ୍ତବ ପ୍ରକୃତି ଉପରେ ଏକ ଆଚରଣ ପକାଇ ଦିଏ । ଆତ୍ମାନୁଭୂତି ହିଁ ନିତ୍ୟାନନ୍ଦ ଉପଭୋ, ଶାଶ୍ୱତ ଶାନ୍ତି ଉପଭୋଗ । ଆତ୍ମ ସାକ୍ଷାତକାରର ଆଶୀର୍ବାଦ ସ୍ୱରୂପ । ମନୁଷ୍ୟ ଚିରନ୍ତନ ଜୀବନ, ପରମ ଜ୍ଞାନ ଓ ନିରବଚ୍ଛିନ୍ନ ଆନନ୍ଦ ଲାଭ କରେ ।

ଅଭିମାନ ନିଜର ବ୍ୟକ୍ତିଗତ ଉତ୍କର୍ଷ ଭାବନା । ସ୍ୱାଭିମାନ - ସାମୂହିକ ସଚେତନତାତ୍ମକ ପୂର୍ବ ପରମ୍ପରା ଅନୁସାରେ ନିଜର ଆତ୍ମଗୌରବ ବା ମର୍ଯ୍ୟାଦାକୁ ମନେରଖି କାମ କରିବା ଭାବନା । ସୁ + ଅ + ଅଭିମାନ = ସ୍ୱାଭିମାନ ଅର୍ଥାତ୍ ସୁ ମାନେ ସୁନ୍ଦର ବା ସୁଖକର ଉପାୟରେ, ଆ - ମାନେ ଚାରିଆଡ଼େ ସର୍ବ ବ୍ୟାପକ, ଅଭି - ମାନେ ପୂର୍ବରୁ ରହିଥିବା ଗୁଣାତ୍ମକ, ମାନ - ମାନେ ମନନ ଯୋଗ୍ୟ, ବିଚାରଯୋଗ୍ୟ, ଗୌରବ ଭାବନା । ଏହି ସବୁ ଦୃଷ୍ଟିରୁ ବିଚାର କଲେ ଅହଂକାରରେ ବଶୀଭୂତ ହେବ ଅସ୍ମିତା ବା ସ୍ୱାର୍ଥ ବୋଧକ ନିକୃଷ୍ଟ ବିଚାରଧାରା । ନିଜ ପୂର୍ବ ପୁରୁଷଙ୍କ ନିର୍ଦ୍ଦେଶିତ ସତମାର୍ଗ ଓ ଗୌରବମୟ ପରମ୍ପରାକୁ ମନେରଖି ସମ୍ମାନଜନକ ବିଚାର ଧାରାରେ ପ୍ରବୃତ୍ତ ହେବା ହିଁ ସ୍ୱାଭିମାନ ବୋଧକ । ଅସ୍ମିତା ହେଉଛି ଇଏଡଞ୍ଜଓଝଗ ଅର୍ଥାତ୍ ଇଗୋଟିଜିମ୍, ସ୍ୱାଭିମାନ ହେଉଛି ଆତ୍ମ ସମ୍ମାନ ବା ସେଲଫ୍ ରେସପେକ୍ଟ ।

ଧୂମାତ ଶାସନ, ଇନ୍ଦୁପୁର, କେନ୍ଦ୍ରାପଡ଼ା,
ଦୂରଭାଷ: ୯୩୪୮୧୯୨୭୧୯ / ୯୮୬୧୦୫୮୯୩୦

# THE AGE OF RAW POWER: Death of Diplomacy and Birth of New American Empire

### By Dr. Rajeeb Misra, Ph.D.

The global landscape of 2026 doesn't just look different; it looks unrecognizable. We have crossed a Rubicon. The "rules-based international order"—that comfortable, post-World War II security blanket that lasted for about eighty years—has been demolished. In its place stands a raw, unapologetic, and predatory architecture of power visibly dominated by the United States of America under the Trump Administration. Welcome to the era of Neo-Colonialism. Welcome to the Trumpian World Order.

For decades, the US maintained a facade. It spoke the language of multilateralism and paid lip service to the UN while quietly ensuring its hegemony remained intact. But the return of Donald Trump to the White House has removed the velvet glove, revealing a raw and rusted iron fist. This is no longer about, as the US used to say, "leading the free world." It is about owning or conquering the world.

The Rot That Fed the Beast:

The second Trump administration is not an accident; it is a consequence. It is the logical conclusion of thirty years of bipartisan betrayal in the US national politics. The Republicans and the Democrats were evenly responsible for this state of affairs. While the "A-Team" of Washington elites—from the Bush era neocons to the Obama era technocrats—were busy toasting globalization at Davos, the American interior was being gutted and getting distanced from the popular feelings of the time. They called it "neoliberalism"; the workers in the industrial heartland and the common man called it a death sentence. The North American Free Trade Agreement (NAFTA) and the wholesale surrender of the American manufacturing base to the WTO were more than just trade policies. They were, as Trump correctly framed them to a desperate electorate, "the greatest theft in history."

The previous administrations prioritized the mobility of capital over the stability of communities. They pursued "forever wars" in the Middle East that cost trillions of dollars and thousands of lives, yielding nothing but instability and a profound sense of national waste. When the "Deep State"—that permanent class of career diplomats and intelligence bureaucrats—put more thrust on these failed moralizing crusades, they created a vacuum.

By 2024, the American voter was not looking for a president; they were indeed looking for a demolition ball that could destroy the existing architecture and rebuild the America of the fifties and sixties. They were tired of subsidizing a world that didn't like them. They wanted to start collecting rent, and called it "tariff."

The "Donroe" Doctrine—Ownership, Not Partnership:

Nowhere is this shift more terrifyingly apparent than in the western hemisphere. The Monroe Doctrine once claimed to protect the Americas from outside interference. Trump 2.0 has updated it into the "Donroe Doctrine": Latin America is no longer a neighborhood of partners; the US under Trump has deemed it a proprietary estate.

Take Venezuela. The 2025 military intervention and the subsequent capture of Nicolas Maduro were not about "restoring democracy." We have moved past that quaint lie. This was a cold, hard asset seizure. The United States moved in to secure the world's largest proven oil reserves, not to lower gas prices for the global good, but to ensure total American energy dominance. It was a clear message to Beijing and Moscow: stay out of the US's backyard, or the US will take what you've invested in.

Similarly, the aggression towards Cuba has evolved into a medieval siege. By branding the island a "vassal of China," the administration has justified an energy blockade that is de facto strangulation. This isn't about human rights; it's about a warning. If you align with the East, you will starve. It is a colonial playbook, updated for the 21st century.

The Arctic Real Estate Play:

Perhaps the most brazen display of this new imperial ego is the pursuit of Greenland. It was mocked in 2019 by the media as a "real estate whim"; now it is a grim reality of U.S. national security policy.

This isn't about land; it's about the spoils of a melting world. The administration's fixation on Greenland is driven by a hunger for Mineral Wealth. The US is in a desperate race for rare earth elements and critical metals—the lifeblood of the "Golden Dome" missile defense system. Without Greenland, the U.S. military-industrial complex stalls.

But it's also about Strategic Location. By seizing control of the GIUK Gap (Greenland-Iceland-UK), the U.S. has effectively turned the Arctic into a private lake, locking out Russian and Chinese naval ambitions. The most chilling aspect of this "Greenland Gambit" is the total rejection of sovereignty. By using "economic coercion" against Denmark—a NATO ally, no less—the administration has signaled that national borders are now negotiable. If you have what the US wants, and you are not strong enough to keep it, it's US's property.

The Diplomacy at Gunpoint:

The Trumpian world order does not negotiate; it demands.

The current war with Iran is the ultimate expression of this "Hard Power" philosophy. When senior Pentagon commanders warned that the war plans were flawed, they weren't listened to—they were purged. The goal was never a nuclear deal with Iran. The goal was regional capitulation. By dismantling any "rules-based" approach to the Middle East, the U.S. has effectively informed the world that diplomatic equilibrium is a relic of the weak.

In the East, the relationship with China has shifted from a trade war to a total "clash of systems." We are seeing a forced decoupling of the global economy. By using "long-arm jurisdiction" to threaten any ally that dares to use Chinese technology, the U.S. is engaging in a colonial struggle for the 21st-century's digital infrastructure. It's a battle for the supply chains that will define the next hundred years.

Even the North Korean situation has hardened. Gone are the "love letters" to the president of North Korea and the summits. In their place is a "maximum pressure" campaign that treats the risk of nuclear escalation as a secondary concern to the primary goal: a fundamental restructuring of the Korean Peninsula to serve American strategic positioning against China.

The End of Alliances:

If you want to know how lonely the world has become, look at the United Kingdom. Leaked memos suggesting the U.S. might withdraw support for British sovereignty over the Falkland Islands sent a shiver through London. The logic is brutal: alliances are now transactional. If the UK doesn't provide unconditional access to its bases, its "imperial possessions" become bargaining points in American deals with Argentina which has been the lawful claimant of the Falkland Islands for decades.

No one is safe. No treaty is sacred. No "special relationship" survives the force of the new US policy of "America First."

The Life After Trump:

The legacy of this era will not be measured in simple policy shifts or diplomatic cables; it will be written in the redrawing of the world map. By treating sovereignty as a negotiable asset and national borders as real estate listings, the Trump administration has fundamentally rewritten the global DNA.

The primary legacy of this presidency is the systemic assassination of the norm against territorial conquest. While the full-scale absorption of foreign lands may not reach its peak today, the boundaries have been dismantled. A precedent has been set: if you are powerful enough, land is no longer a sacred right of a people, but a commodity for the highest bidder or the strongest bully. The US has entered a countdown. It may not happen this year or even this decade, but by shattering the taboo of conquest, the "New Colonialism" has ensured that the coming decades will be defined by a violent, map-altering scramble for territory that the world thought it had left behind in the 19th century.

The world is fracturing into three distinct, hostile blocs led by the US, China, and Russia. Within these blocs, there are rules—dictated by the most powerful within the group, the hegemon. Between them lies a lawless frontier. The UN and the WTO have been reduced to ceremonial relics, empty halls where diplomats go to mourn a world that no longer exists.

Trade is no longer a tool for prosperity; it is a weapon for subjugation. Commerce has been militarized.

The "America First" doctrine has, in a narrow, cynical sense, succeeded. It has reasserted American strength through raw, unadulterated force. But it has done so by destroying the very stability that allowed America to lead for a century.

The world after Trump is a more honest world—it is a world of maps, blood, and soil. But it is a world tense enough to burst with the slightest provocation. The question for 2026 and beyond is not whether the US can maintain its new empire, but how long it will take for the weight of it to crush the US from within. The New Colonialism is here. Today it looks like a gift to the US; but its future is a mystery.

**(The author served at a premier Government of India development financial institution in a senior capacity and can be reached at misra1960@gmail.com.)**

# କାନ ପାଇଁ ଖରାଦିନିଆ ମୁଣ୍ଡବୁଲା

### ନାରାୟଣ ଚନ୍ଦ୍ର ବିଶ୍ୱାଳ

ଓଡ଼ିଶାରେ ଗ୍ରୀଷ୍ମର ପ୍ରଚଣ୍ଡ ତାତି ଜନ ଜୀବନକୁ ଏକ ପ୍ରକାର ଅସ୍ତବ୍ୟସ୍ତ କରି ଦେଉଛି । ଲଗାତର ଦୁଇ ସପ୍ତାହ ହେବ ପ୍ରଚଣ୍ଡ ଖରା ଓ ଗରମରେ ରାଜ୍ୟବାସୀ ସନ୍ତୁଳି ହେଉଥିବାବେଳେ ଆଞ୍ଚଳିକ ପାଣି ବିଜ୍ଞାନ କେନ୍ଦ୍ର ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ହିଟ୍ ୱେଭ ୱାର୍ଣ୍ଣି ଜାରି ହୋଇଛି । ଏହାର ପରିଣାମକୁ ନଜରରେ ରଖି ରାଜ୍ୟରେ ଖୁବ ଶୀଘ୍ର ଖୋଲିବାକୁ ଯାଉଛି ହିଟୱେଭ କେନ୍ଦ୍ର । ପ୍ରକୃତି ଅସ୍ୱାଭିବକତା ବିଶ୍ୱରେ ଯେଉଁପରି ଜଳବାୟୁ ପରିବର୍ତ୍ତନ ହେଉଛି ଏହାର କୁପରିଣାମ ଆମେ ସମସ୍ତେ ଅନୁଭବ କରୁଛେ । ଦିନ ଦଶଟା ପରେ ଘରୁ ବାହାରିବା ଏକ ପ୍ରକାର ମୁସ୍କିଲ ହୋଇଯାଉଛି । ଖରାଦିନେ ମୁଣ୍ଡ ବୁଲାଇବା ଏକ ସାଧାରଣ ସମସ୍ୟା । ଛୋଟ ଠାରୁ ବଡ଼ ସମସ୍ତଙ୍କୁ ଏହା ପ୍ରଭାବିତ କରିଥାଏ । ମୁଣ୍ଡ ବୁଲାଇବା ସାଧାରଣତଃ ଦୁଇ ପ୍ରକାର । ମୁଣ୍ଡ ବୁଲାଇବା ବେଳେ କିଛି ଲୋକ ଘରଦ୍ୱାର, ଗଛଲତା ସବୁ ବୁଲାଉଛି ବୋଲି କୁହନ୍ତି । ଆଉ କିଛି ଲୋକ କୁହନ୍ତି ଖାଲି ପଡ଼ିଗଲା ଭଳି ଲାଗୁଛି । କିଛି ଲୋକ ଉପରୋକ୍ତ ଦୁଇ ପ୍ରକାର ମୁଣ୍ଡ ବୁଲା ହୁଏ ବୋଲି କୁହନ୍ତି । ଏହି ମୁଣ୍ଡ ବୁଲାଇବା ବିଭିନ୍ନ କାରଣରୁ ହେଉଥିଲେ ମଧ୍ୟ ମୁଖ୍ୟତଃ ତିନୋଟି କାରଣରୁ ଏହା ହୋଇଥାଏ । କାନ, ଆଖି ଅଥବା ମସ୍ତିଷ୍କ (ସେରିବେଲମ୍)ରେ ମାତ୍ରାଧିକ ଅସୁବିଧା ରହିଲେ ଏପରି ହୋଇଥାଏ । ଉପରୋକ୍ତ ଏକାଧିକ ଅଙ୍ଗମାନଙ୍କର ଅସୁବିଧା ରହିଲେ ସମସ୍ୟାଟି ଆହୁରି ଗମ୍ଭୀର ଜଣାପଡ଼େ । ଆସନ୍ତୁ ଆମେ ଏଠାରେ କେବଳ କାନ ପାଇଁ ହେଉଥିବା ମୁଣ୍ଡବୁଲା ବିଷୟରେ ସମ୍ୟକ ଚର୍ଚ୍ଚା କରିବା ।

ସମସ୍ତେ ଭାବନ୍ତି କାନର କାମ ହେଲା ଶୁଣିବା । ମାତ୍ର କାନର ଆଉ ଏକ କାମ ହେଉଛି ମୁଣ୍ଡକୁ ସନ୍ତୁଳିତ ରଖିବା । ଅନ୍ତଃକର୍ଣ୍ଣରେ ଥିବା କକ୍ଲିଆ ଶୁଣିବାରେ ସାହାଯ୍ୟ କରୁଥିଲାବେଳେ ଭେଷ୍ଟିବୁଲାର ଅର୍ଗାନ ସନ୍ତୁଳନରେ ସାହାଯ୍ୟ କରେ । ଶତକଡ଼ା ଅଶୀଭାଗ ମୁଣ୍ଡବୁଲା ରୋଗୀ କାନ ଜନିତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବାକି କୋଡିଏ ଭାଗ ଆଖି ଅଥବା ମୁଣ୍ଡ କାରଣରୁ ପ୍ରଭାବିତ ହୋଇଥାନ୍ତି । କାନ ଜନିତ ସମସ୍ୟା ବହୁତ କାରଣରୁ ହେଉଥିବା ବେଳେ ସେଥିମଧ୍ୟରୁ ମୁଖ୍ୟଟି ହେଲା ମେନିୟର୍ସ ସିଣ୍ଡ୍ରୋମ୍ । ସାଧାରଣ ଶ୍ରବଣ ପରୀକ୍ଷା (ଅଡ଼ିଓମେଟ୍ରି), ଟିମ୍ପାନୋମେଟ୍ରି ଏବଂ ଇଏନ୍‌ଜି ପରୀକ୍ଷା ଦ୍ୱାରା ଏହା ଜଣାପଡ଼େ । ଯେହେତୁ ଏହା ସ୍ନାୟୁଗତ ସମସ୍ୟା ଯଥାଶୀଘ୍ର ବିଶେଷଜ୍ଞଙ୍କ ପରାମର୍ଶ କଲେ ତୁରନ୍ତ ଫଳ ମିଳିଥାଏ । ବେଳେ ବେଳେ ଔଷଧୀୟ ଚିକିତ୍ସା ଡେରି ହେବାଫଳରେ ସମସ୍ୟାଟି ପୂର୍ଣ୍ଣମାତ୍ରାରେ ସମାହିତ ହୋଇପାରେ ନାହିଁ । ଏହି ସମୟରେ ଭେଷ୍ଟିବୁଲାର ଏକ୍ସରସାଇଜ ମାଧ୍ୟମରେ ଚିକିତ୍ସା କରାଯାଏ । ଅନ୍ୟଥା ସ୍ଥଳବିଶେଷରେ ଶଲ୍ୟ ଚିକିତ୍ସା କରିବା ଜରୁରୀ ଅଟେ । ଏହାଛଡ଼ା ରୋଗୀକୁ ଖାଦ୍ୟ ପାନୀୟ ଇତ୍ୟାଦିରେ ସବଧାନତା ଅବଲମ୍ବନ କରିବାକୁ ପଡ଼େ । ବେଳେ ବେଳେ ସଠିକ ଶ୍ରବଣ ଯନ୍ତ୍ରର ବ୍ୟବହାର ଦ୍ୱାରା ସମସ୍ୟା କିଛି ମାତ୍ରାରେ ସମାଧାନ ହୋଇଥାଏ । ଏଥର ମୌସୁମୀ ଆସିବାକୁ ପ୍ରାୟ କିଛି ସପ୍ତାହ ବାକି ଅଛି । ଆସନ୍ତୁ ଏହି ପରିପ୍ରେକ୍ଷୀରେ ଆମର ଖାଦ୍ୟ, ପାନୀୟ ଇତ୍ୟାଦିରେ ଥିବା ସାବଧାନତା ବିଷୟରେ ସମ୍ୟକ ଆଲୋଚନା କରିବା । ଓଡ଼ିଶାର ଲୋକେ ସାଧାରଣତଃ ପଖାଳପ୍ରିୟ । ଖରାଦିନେ ଧନୀ, ଗରିବ ସମସ୍ତେ ପଖାଳ ଖାଇବା ସ୍ୱାଭାବିକ । ସାଧାରଣତଃ ସ୍କୁଲ ପଢ଼ୁଆ ପିଲାମାନେ ଦିନକୁ ଦୁଇରୁ ତିନିଥର ପଖାଳ ଖାଇଥାନ୍ତି । ପଖାଳର ତୋରାଣିରେ ଯେଉଁମାତ୍ରାରେ ଲୁଣ ପଡ଼େ ତାହା ଆମେ ସମସ୍ତେ ପିଇ ଦେହର ଲୁଣ ଅଂଶ ଅଧିକ ମାତ୍ରାରେ ବଢ଼ାଇ ଦେଇଥାଉ । ଏହାଛଡ଼ା ଖରାରେ ବୁଲି ଶୋଷ ଲାଗିଲେ ଏକାଥରେ ଗ୍ଲାସରେ ନ ପିଇ ପୁରା ବୋତଲ ବା ମଗ୍ ଶେଷ କରୁ । ଗରମରୁ ବେଳେ ବେଳେ ରାତି ଅନିଦ୍ରା ରହୁ ଏହାଫଳରେ ମୁଣ୍ଡ ବୁଲାଏ । ତେଣୁ ପଖାଳ ଖାଇବା ବେଳେ ତୋରାଣି ନପିଇ ପାଣି ପିଅନ୍ତୁ । ଲୁଣି ଆଚାର ଏବଂ ଶୁଖୁଆ କମ୍ ଖାଆନ୍ତୁ । ଖାଇବାବେଳେ କଞ୍ଚାଲୁଣ ଛୁଅନ୍ତୁ ନାହିଁ । ଡାଲି ତରକାରୀରେ ଯାହା ପଡ଼ିଛି ସେତିକି ଲୁଣ ଖାଆନ୍ତୁ । ସାଧାରଣତଃ କୁହାଯାଏ ଜଣେ ଲୋକ ପାଇଁ ଦିନକୁ ଅତିକମ୍‌ରେ ପାଞ୍ଚ ଗ୍ରାମ ଲୁଣ ଦରକାର । ପାଣି ଏକାଥରେ ଅଧିକରୁ ଅଧିକ ଦୁଇ ଗ୍ଲାସ କରି ଏକ ଘଣ୍ଟା ଅନ୍ତରରେ ପିଇ ପାରିବେ । ନିଶା ଅଭ୍ୟାସ ଛାଡ଼ନ୍ତୁ । ଅତ୍ୟଧିକ ଚିନ୍ତାରୁ ଦୂରେଇ ରୁହନ୍ତୁ, ରାତି ଅନିଦ୍ରା ରୁହନ୍ତୁ ନାହିଁ, ବ୍ଲଡପ୍ରେସର କଣ୍ଟ୍ରୋଲ ରଖନ୍ତୁ, ତୀବ୍ର ଶବ୍ଦ ଠାରୁ ଦୂରରେ ରୁହନ୍ତୁ । ଯେଉଁମାନଙ୍କର ପୂର୍ବରୁ ମୁଣ୍ଡବୁଲା ରୋଗ ରହିଥାଏ ସେମାନେ ଖରାଦିନେ ଯଥା ସମ୍ଭବ ମାତ୍ରାଧିକ ମୁଣ୍ଡଧୋଇବା ଠାରୁ ଦୂରେଇ ରହିବା ସଙ୍ଗେ ସଙ୍ଗେ ବେଶୀ ସମୟ ଧରି ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର କରିବା ଉଚିତ ନୁହେଁ । ଯଦି ଠିକ୍ ସମୟରେ ଉଚିତ ପଦକ୍ଷେପ ନ ନିଆଯାଏ ତେବେ ଏହି ସମସ୍ୟାଟି ଗୁରୁତର ଆକାରରେ ଧାରଣ କରିଥାଏ । ବେଳେ ବେଳେ ରୋଗୀ ଯିବା ଆସିବା ସମୟରେ ମଧ୍ୟ ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁମୁଖରେ ପଡ଼ିଥାନ୍ତି । ସେଥିପାଇଁ ଏହି ରୋଗ ଦେଖାଯିବା କ୍ଷଣି ତୁରନ୍ତ ବିଶେଷଜ୍ଞ ଡାକ୍ତରଙ୍କୁ ପରାମର୍ଶ କରିବା ସଙ୍ଗେ ସଙ୍ଗେ ନିଜେ ସାଇକେଲ, ଗାଡିମଟର ନେଇ ବାହାରକୁ ଯାଆନ୍ତୁ ନାହିଁ । ଆବଶ୍ୟକସ୍ଥଳେ କାହା ସାଙ୍ଗରେ ବସି ଗାଡ଼ିରେ ଯାଇପାରନ୍ତି । ହଠାତ୍ ଚାଲି ଯାଉଥିବାବେଳେ ବା ବସିଥିବାବେଳେ ବାମ, ଡାହାଣ କିମ୍ବା ଉପର ତଳକୁ ଚାହାଁନ୍ତୁନାହିଁ । ଏହାଦ୍ୱାରା ମୁଣ୍ଡବୁଲା ବଢ଼ିଯାଇପାରେ । ହାଠତ ବସି ଉଠିବା ବେଳେ ବା ଶୋଇ କି କଡ଼ ନଉଟାଇବା ବେଳେ ଅଧିକ ମୁଣ୍ଡ ବୁଲାଇ ପାରେ । ତେଣୁ ଏଥିରୁ ବଞ୍ଚôିତ ରହିବା ଉଚିତ । ମୁଣ୍ଡର ଦିଗ ପରିବର୍ତ୍ତନ କଲାବେଳେ ଧୀରେ ଧୀରେ ପରିବର୍ତ୍ତନ କଲେ କୌଣସି ଅସୁବିଧା ହେବନାହିଁ । ଗାଡ଼ିରେ ବସି ଯିବା ସମୟରେ ହଠାତ୍ ବ୍ରେକ ମାରିବା ସମୟରେ ମୁଣ୍ଡବୁଲାଇବାର ମାତ୍ରା ଅଧିକ ହୋଇଯାଏ ଏଥିରୁ ନିବୃତ ରହିବା ଉଚିତ । ଏପରି ସମସ୍ୟାରେ ବହୁତ ଲୋକ ଏହା ଏକ ବଡ଼ ରୋଗ ବୋଲି ଚିନ୍ତା କରିଥାନ୍ତି । ମାତ୍ର ଏହା ଏକ ସାମାନ୍ୟ ରୋଗ ହୋଇଥିବାରୁ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା କଲେ ଏକ ସପ୍ତାହ ମଧ୍ୟରେ ଉପଶମ ମିଳିଥାଏ ।

ଦୂରଭାଷ : ୯୪୩୮୨୭୬୭୬୦

Scanned with OKEN Scanner

